# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 11 October – 2025

**********************************

## ମୁଖ୍ୟ ସମ୍ବାଦ

- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ୪୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- ପିଏମ୍-ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ କୃଷକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ; କହିଲେ, ମୁଖ୍ୟମନ୍ତ୍ରୀ

- "ମୁଁ ଯେଉଁ ନେତୃତ୍ୱର ପରିବର୍ତ୍ତନ ନେଉଛି-ସଙ୍କଟର ଆଗଧାଡ଼ିରେ ଝିଅମାନେ"ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୨୮ତମ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଆରମ୍ଭ

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ଦେଶର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ୪୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ଦେଶର ୧୦୦ଟି ଜିଲ୍ଲାରେ ପିଏମ୍ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲିଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି। ଯୋଜନାରେ ସମଗ୍ର ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଯାହାଦ୍ୱାରା ଦେଶର ୧ ଦଶମିକ ୭କୋଟି କୃଷକ ଉପକୃତ ହେବେ। ୨୪ ହଜାର କୋଟି ଟଙ୍କା ବ୍ୟୟରେ ପିଏମ୍ ଧନଧାନ୍ୟ କୃଷି ଯୋଜନା, ୧୧ ହଜାର ୪୪୦ କୋଟି ଟଙ୍କା ବ୍ୟୟରେ ଡାଲିରେ ଆତ୍ମନିର୍ଭରଶୀଳତା ମିଶନ ଏବଂ ପଶୁପାଳନ, ମତ୍ସ୍ୟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏକାଧିକ ଯୋଜନାର ଶୁଭାରମ୍ଭ କୃଷି ଉତ୍ପାଦ ସଂଗଠନ ସହ ଚାଷ, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି ଗଠନକୁ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

**- V/O -(PM)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ସମ୍ବଲପୁରର ବସନ୍ତପୁରଠାରେ ୧୦୦ଟି କୋଟି ଟଙ୍କା ବ୍ୟୟବରାଦରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ଭୁବନେଶ୍ୱରର ପାଣ୍ଡ୍ରାଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛମାର୍କେଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ସିଏମ୍–ଧନଧାନ୍ୟ ଯୋଜନା

ଭୁବନେଶ୍ୱର କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ମତ୍ସଚାଷୀଙ୍କ ଉନ୍ନତି ପାଇଁ ଭୁବନେଶ୍ୱର ପାଣ୍ଡରାଠାରେ ଅତ୍ୟାଧୁନିକ ମାଛମାର୍କେଟର ଭିତ୍ତିପ୍ରସ୍ତର ସ୍ଥାପନ ହେବା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବହୁ ବ୍ୟବସାୟୀ  ଉପକୃତ ହେବା ସହ ରୋଜଗାର ସୃଷ୍ଟି ହେବ। ପିଏମ୍ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ କୃଷକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ନୂଆ ମାର୍ଗ ଦେଖାଇବ ବୋଲି  ଶ୍ରୀ ମାଝୀ କହିଛନ୍ତି।

**- V/O -**

ଓଡ଼ିଶାର ୪ଟି ଜିଲ୍ଲା କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଓ ନୂଆପଡ଼ାକୁ ଏଥିରେ ସାମିଲ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।  କୃଷି ଉତ୍ପାଦନ ବୃଦ୍ଧି ସହ ଫସଲ ବିବିଧତା, ଦୀର୍ଘସ୍ଥାୟୀ କୃଷି ପଦ୍ଧତି ଗ୍ରହଣୀୟତା ବୃଦ୍ଧି, ଅମଳ ପରବର୍ତ୍ତୀ ଫସଲ ସଂରକ୍ଷଣ ଓ ଜଳସେଚନ ଆଦି ବ୍ୟବସ୍ଥାକୁ ଏହି ଯୋଜନାଗୁଡ଼ିକ ଆହୁରି ସୁଦୃଢ଼ କରିପାରିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା।

## ଧନଧାନ୍ୟ ଯୋଜନା

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ ହୋଇଯାଇଛି ।

**ବରଗଡ଼** ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ଯୋଗଦେଇ  ପିଏମ୍ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫଲସର ଆତ୍ମନିର୍ଭରତା ମିଶନ ସମ୍ପର୍କରେ ଆଲୋଚନା କରିଥିଲେ ।

**ନୟାଗଡ଼** ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାର ପ୍ରମୁଖ ଅଧିକାରୀଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

**ଭଦ୍ରକ** ଜିଲ୍ଲା ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରଠାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ସମ୍ପର୍କରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାରେ ୪୦୦ ରୁ ଊର୍ଦ୍ଧ୍ୱ ଚାଷୀ ଏବଂ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କ ଅର୍ଥନୈତିକ ବିକାଶ ସମ୍ପର୍କରେ ଆଲୋଚନାରେ ଭାଗ ନେଇଥିଲେ ।

**ଢେଙ୍କାନାଳ** ଜିଲ୍ଲା ଆଟ୍ ଆଣ୍ଡ କ୍ରାଫ୍ଟ ସେଣ୍ଟର ଅଡିଟୋରିୟମ୍ ହଲଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧାନ ସହ ଡାଲିଜାତୀୟ ଶସ୍ୟ ଓ ମାଛ ଚାଷ କରି ଲାଭାନ୍ୱିତ ହେବାକୁ ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଲିଙ୍ଗଗତ ସମାନତା  ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସର ବିଷୟ ରହିଛି **"ମୁଁ ଯେଉଁ ନେତୃତ୍ୱର ପରିବର୍ତ୍ତନ ନେଉଛି-ସଙ୍କଟର ଆଗଧାଡ଼ିରେ ଝିଅମାନେ" ।** ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ୨୦୧୨ ମସିହାଠାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଛି ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମନୋରମା ଦେବୀ ଅଧ୍ୟକ୍ଷତା କରି କନ୍ୟାସନ୍ତାନମାନଙ୍କର ଅଧିକାର, ଯତ୍ନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସମ୍ମାନ ଉପରେ

ଗୁରୁତ୍ୱ ଆରୋପ କରିଥିଲେ। କାର୍ଯ୍ୟକ୍ରମରେ ଡିସିପିୟୁ, ଏଡିଏମ୍‌ଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟା ପ୍ରମୁଖ ଯୋଗଦେଇ କନ୍ୟାସନ୍ତାନମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସ୍ଥିତ ସଂସ୍କୃତି ଭବନଠାରେ ଏହି ଦିବସ ପାଳିତ ହୋଇଯାଇଛି।

## ନିବେଶକ ସଚେତନତା କର୍ମଶାଳା

ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନଠାରେ ଆର୍ଥିକ ସାକ୍ଷରତା ଏବଂ ନିବେଶକ ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ବିଶ୍ୱ ନିବେଶକ ସପ୍ତାହ ଉପଲକ୍ଷେ ସିକ୍ୟୁରିଟିଜ୍ ଏଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଆଲୋଚକ ଭାବେ ବିଏସ୍‌ଇ ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ବରିଷ୍ଠ ଅଧିକାରୀ ସୌମ୍ୟରଂଜନ ସାହୁ ଏବଂ ଏସ୍‌ଇବିଆଇର ପୂର୍ବାଞ୍ଚଳ ଆଂଚଳିକ କାର୍ଯ୍ୟାଳୟ କଲିକତାର ମ୍ୟାନେଜର ସୁଧାଂଶୁ ସେଠ୍ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କରିଛନ୍ତି।

## ତମାଖୁ ମୁକ୍ତ ଯୁବ ଅଭିଯାନ

ଦେଶବ୍ୟାପୀ ତମାଖୁ ମୁକ୍ତ ଶିକ୍ଷା ପରିବେଶ ଗଠନ ଏବଂ ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ଦୃଷ୍ଟିରେ ରଖି ତମାଖୁ ମୁକ୍ତ ଯୁବ ଅଭିଯାନ- ୩.୦ ଆରମ୍ଭ କରାଯାଇଛି। ୨୦୪୭ ମସିହା ସୁଦ୍ଧା ବିକଶିତ

ଭାରତ ଲକ୍ଷ୍ୟ ପୂରଣ ଦିଗରେ ଏକ ସୁସ୍ଥ, ସୁଚିନ୍ତିତ ଏବଂ ସଶକ୍ତ ଯୁବ ଜନସଂଖ୍ୟାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖାଯାଉଛି । ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୬୦ ଦିନବ୍ୟାପୀ ଚାଲିବ । ଯୁବପିଢ଼ିଙ୍କୁ ତମାଖୁ ବ୍ୟବହାର ରୋକିବା ପାଇଁ ସଚେତନତା କରାଇବା ଏବଂ ସ୍କୁଲ ଓ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଅଭିଯାନର ମୂଳଲକ୍ଷ୍ୟ ।

## ସଂସ୍କୃତ ପରିବାର ମିଳନ

**ଭଦ୍ରକ** ସହିଦ୍ ସ୍ମୃତି ଭବନ ଟାଉନ୍‌ହଲ୍‌ଠାରେ ସଂସ୍କୃତ ପରିବାର ମିଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବିଶିଷ୍ଟ ସମାଜ ସଂସ୍କାରକ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଏବଂ ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ । ସମାରୋହରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବହୁ ବିଶିଷ୍ଟ ପଣ୍ଡିତମାନେ ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା ଓ ଟୋଲ ଗୁଡ଼ିକର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ ।

## ନୂଆପଡ଼ା ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ଅଧିକାରୀଙ୍କ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିର୍ବାଚନ ସଂକ୍ରାନ୍ତ ଖର୍ଚ୍ଚ ଅଟକଳ ଆକଳନ

ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଜାତୀୟସ୍ତରୀୟ ଦୁଇ ଅଧିକାରୀ ଯୋଗଦାନ କରି ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଏହି ତାଲିମପ୍ରାପ୍ତ ଅଧିକାରୀମାନେ ପରବର୍ତ୍ତୀ ସମୟରେ ବ୍ଲକ୍ସ୍ତରୀୟ ଅଧିକାରୀମାନଙ୍କୁ ନିର୍ବାଚନ ସଂକ୍ରାନ୍ତ ତାଲିମ୍ ପ୍ରଦାନ କରିବେ।

## ବରିଷ୍ଠ ନାଗରିକ ଦିବସ-ଜିଲ୍ଲା

କେନ୍ଦୁଝର ପୌରପାଳିକା କଲ୍ୟାଣମଣ୍ଡପଠାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ୨୦୨୫ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ୧୨ଟି ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି ଏବଂ ଜିଲ୍ଲାର ପ୍ରାୟ ୧୫୦ରୁ ଅଧିକ ବୟସ୍କ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

## ଦଶହରା

**କଳାହାଣ୍ଡି** ଜିଲ୍ଲା କୋକସରା ବ୍ଲକ୍ ଅଧୀନସ୍ଥ ଆମପାଣିଠାରେ ବୁଢ଼ାରାଜା ଦେବଙ୍କ ଦଶହରା-୨୦୨୫ ପର୍ବ ପାରମ୍ପରିକ ରୀତିନୀତି ଅନୁସାରେ କାର୍ତ୍ତିକମାସର ପ୍ରଥମ ଶନିବାର ଅବସରରେ ବାର୍ଷିକ ଦଶହରା ପାଳନ କରାଯାଉଛି। ଏହି ନିଆରା ଦଶହରା ପର୍ବ ଆଦିବାସୀ ପରମ୍ପରା ଅନୁସାରେ ପାଳିତ ହୋଇଥାଏ। ଏକ ବିରାଟ ଲାଠିଯାତ୍ରା ପୂଜକଙ୍କ ଘରୁ ଶୋଭାଯାତ୍ରାରେ ବାହାରି ବୁଢ଼ାରାଜାଙ୍କ ମନ୍ଦିରରେ ପହଞ୍ଚିଥାଏ। ଏହାକୁ କଳାହାଣ୍ଡି ରାଜା

ଅନନ୍ତପ୍ରତାପ ଦେଓ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀଙ୍କ ସମେତ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକ ଯୋଗଦେଇ ଥିଲେ।

# ଟେବୁଲ ଟେନିସ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୨୮ତମ ଏସୀୟ ଟେବୁଲ ଟେନିସ ଚାମ୍ପିୟନସିପ ଆଜିଠାରୁ ଆରମ୍ଭ ହୋଇଛି। ଏହାକୁ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି। ବିଶ୍ୱ କ୍ରୀଡା କ୍ଷେତ୍ରରେ ରାଜ୍ୟରେ ବୃଦ୍ଧି ପାଉଥିବା କ୍ରୀଡାର ପ୍ରମୁଖତାକୁ ଏହା ପ୍ରତିପାଦିତ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଚାମ୍ପିୟନସିପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳୀମାନେ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଟେବୁଲ ଟେନିସ ଟିମ୍ ଚାମ୍ପିୟନସିପ-୨୦୨୬ରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଶ୍ରୀ ସୂରଜ କହିଛନ୍ତି । ପ୍ରତିଯୋଗିତାରେ ୨୨ଟି ଦେଶର ୫ଶହରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି । ଚାମ୍ପିଅନ୍‌ସିପ୍ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।